## ସଂକ୍ଷେପରେ



### ଗାଡ଼ି ଧକ୍କାରେ ହରିଣ ମୃତ

**କୋଦଳା,୩।୩(ଡି.ଏନ.ଏ.):** କୋଦଳା ନିକଟରେ ସୋମବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଏକ ମାଈ ହରିଣର ମୃତ୍ୟୁ ଘଟିଛି। କୋଦଳା ପୋଲିସ ରାଇଟର କେ.ପି ରେଡ୍ଡୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ସୂଚନା ପ୍ରକାରେ, କୋଦଳାଠାରୁ ଖରଖାରୀ ବ୍ରିଜ ମଧରେ କୃଷ୍ଣସାର ମୃଗଙ୍କ ଯାତାୟାତ ସ୍ଥଳୀ । ପ୍ରତି ମାସରେ ଏକରୁ ଊର୍ଦ୍ଧ୍ୱ ହରିଣର ଦୁର୍ଘଟଣାରେ ମୃତ୍ୟୁ ଘଟିବା ସହ ବହୁ ଚାଳକ ମଧ ଗୁରୁତର ହେଉଛନ୍ତି। ଏ ନେଇ କିଛି ଦିନ ହେବ ବନ ବିଭାଗ ସେହି ସ୍ଥାନରେ ସତର୍କ ସୂଚନାଫଳକ ଲଗାଇଲେ ସୁଦ୍ଧା ଦୁର୍ଘଟଣାରେ ହରିଣଙ୍କ ମୃତ୍ୟୁ ସଂଖ୍ୟା କମୁନି। ତେବେ ବନବିଭାଗ ଏଥିପ୍ରତି ଗୁରୁତ୍ୱର ଭାବେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ କୃଷ୍ଣସାର ମୃଗ ସଂଖ୍ୟା ଲୋପ ପାଇଯିବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ଜରିମାନା ଆଦାୟ ନେଇ ପ୍ରଶାସନ, ବଣିକ ସଂଘ ମୁହାଁମୁହିଁ

**ଗଞ୍ଜାମ,୩।୩(ଡି.ଏନ.ଏ.):** ଗଞ୍ଜାମ ସହରରେ ଥିବା ବଡ ବଜାର ଓ ସାନ ବଜାରଠାରେ ଉଠା ଦୋକାନୀମାନେ ଦୀର୍ଘ ବର୍ଷ ହେବ ନିଜର ବ୍ୟବସାୟ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଅନେକ କାରଣ ନେଇ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଛି। ଏଥିପାଇଁ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ବଣିକ ସଂଘ ପକ୍ଷରୁ ମଙ୍ଗଳବାର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଆମେ ଆଉ ଦୋକାନ ଖୋଲିବୁନୁ କି ବୋଲି ପ୍ରଶ୍ନ କରିଛନ୍ତି। ଏଥିରେ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସମ୍ପାଦକ କାହ୍ନୁ ଚରଣ ପଣ୍ଡା, ବିଶୁ ମହାଙ୍କୁଡ, ଲୋକନାଥ ପଣ୍ଡା, ସୁବାସ ଗୁପ୍ତା, ସୁନା ପଟ୍ଟନାୟକ, ଜି.ରାମ ଦାସ ରେଡ୍ଡୀ, ଶଙ୍କର ସାହୁ, କାଳୁ ବାରିକଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।ପ୍ରକାଶ ଯେ, ଏନ୍ଏସି ଇଓ ଏବଂ ତହସିଲଦାର ସକାଳ ଭ୍ରମଣ ସମୟରେ ବଡ଼ବଜାର ସ୍ଥିତ ଏକ ଜଳଖିଆ ଦୋକାନ ସମୁଖରେ ଗାଡ଼ି ପାର୍କିଂ ନେଇ ଜୋରିମାନା କରିଥିଲେ। ଏହାକୁ ବଣିକ ସଂଘ ଦୃଢ଼ ନିନ୍ଦା କରିଛି।

### ବିବାହ ପୂର୍ବରୁ ୨ କନ୍ୟା ନିଖୋଜ ଅଭିଯୋଗ

**କୁକୁଡ଼ାଖଣ୍ଡି,୩।୩(ଡି.ଏନ.ଏ.):** ବିବାହ ପୂର୍ବରୁ ଦୁଇ ପରିବାର ୨ଜଣ କନ୍ୟା ନିଖୋଜ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଉଭୟ ପରିବାରଙ୍କ ଏତଲା କ୍ରମେ ପୋଲିସ ନଂ. ୧୭,୧୮/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ସଦର ଥାନାଧିକାରୀ ସନ୍ତୋଷୀନୀ ଓରାମ ସୂଚନା ଦେଇଛନ୍ତି। ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ମାର୍ଚ୍ଚ ୩ ତାରିଖରେ ବାହାଘର ଥିଲା। ସେ ଗତ ଫେବୃୟାରୀ ୨୮ରେ ନିଖୋଜ ହୋଇଯାଇଥିଲେ। ସେହିପରି ଲାଞ୍ଜିପଲ୍ଲୀ ନିକଟ ବ୍ରହ୍ମପଲ୍ଲୀରେ ମାମୁ ଘରେ ରହି ପଢୁଥିବା ଅନ୍ୟ ଜଣେ ଝିଅଙ୍କ ମାର୍ଚ୍ଚ ୪ରେ ବାହାଘର ଥିବା ବେଳେ ସେ ମଧ ଫେବୃୟାରୀ ୨୯ରୁ ନିଖୋଜ ଅଛନ୍ତି। ତେବେ ଦୁହିଁଙ୍କ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଝିଅ ନ ମିଳିବାରୁ ବ୍ରହ୍ମପୁର ସଦର ଥାନାରେ ଏତଲା ଦେଇଥିଲେ।

### ଯୁକ୍ତ ୨ ପରୀକ୍ଷା ଦେଲେ ୨୫୨ ଛାତ୍ରୀଛାତ୍ର

**ବୁଗୁଡ଼ା,୩।୩(ଡି.ଏନ.ଏ.):** ବୁଗୁଡ଼ା ବ୍ଲକର ବିଭିନ୍ନ କଲେଜରେ ମଙ୍ଗଳବାର ୨୫୨ ଛାତ୍ରୀଛାତ୍ର ଯୁକ୍ତ ୨ ମାତୃଭାଷା ପରୀକ୍ଷା ଦେଇଛନ୍ତି। ବ୍ଲକର ୩ କେନ୍ଦ୍ରରେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ହୋଇଥିଲା। ବୁଗୁଡ଼ା ପିପୁଲ୍ସ କଲେଜରେ ଯୁକ୍ତ ୨ ବିଜ୍ଞାନରେ ୧୬୯ ଜଣଙ୍କ ମଧରୁ ୧୬୮, ମାଣିତରା ଆଞ୍ଚଳିକ ବିଜ୍ଞାନ କଲେଜରେ ୫୨ ଏବଂ ବାଲିପଦର ଆଞ୍ଚଳିକ ବିଜ୍ଞାନ କଲେଜ କେନ୍ଦ୍ରରେ ୩୪ରୁ ମାତ୍ର ୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

# ରାସ୍ତାରେ ଓହଳିଛି ବିଦ୍ୟୁତ୍ ତାର

## ଗଞ୍ଜାମ ଜିଲାରେ ଘଟଣା ପରେ ଚେତୁନୀ ବିଦ୍ୟୁତ ବିଭାଗ


ଝୁଲିଥିବା ବିଦ୍ୟୁତ୍ ତାରକୁ ବାଉଁଶରେ ଟେକାଯାଉଛି।

**ଚନ୍ଦାହାଣ୍ଡି, ୩।୩(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗ ପକ୍ଷରୁ ଯେଉଁଠି ପାଇଲେ, ଯେମିତି ପାଇଲେ ବିଦ୍ୟୁତ୍ ତାର ବିଛାଇଲେ । ପ୍ରତି ସ୍ଥାନରେ ବିଦ୍ୟୁତ୍ ବିଭାଗର ଏପରି ଖାମଖିଆଲି ନଜରକୁ ଆସିଛି । ଏଥିଯୋଗୁ ଦୁର୍ଘଟଣା ଘଟୁଛି । ହେଲେ ଚେତୁନି ବିଭାଗ। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଝରାବାହାଲଠାରୁ ଦେଓବନ୍ଧକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ବେହେରାମୁଣ୍ଡା ପଞ୍ଚାୟତର ଗୁମାଗାଁଠାରେ ବିଦ୍ୟୁତ ତାର ଝୁଲି ରହିଥିବାର ଦେଖିବାକୁ ମିଳିଛି । ଉକ୍ତ ରାସ୍ତା ପଡୋଶୀ ଛତିଶଗଡ ସହ ଭୁବନେଶ୍ୱର ଏବଂ ସମ୍ବଲପୁରକୁ ସିଧା ଯୋଗାଯୋଗ ରହିଛି। ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ପ୍ରତ୍ୟେକ ଦିନ ଶହ ଶହ ଯାନବାହାନ ସହ ବସ ଯାତାୟାତ କରୁଛି। ଟ୍ରକ ଚଳାଚଳ ସମୟରେ ବିଦ୍ୟୁତ୍ ତାରକୁ ବାଡିରେ ଉଠାଇ ଚଳାଚଳ କରାଯାଉଛି। ସେହିପରି ଛାତ୍ରୀଛାତ୍ର ମଧ ଉକ୍ତ ରାସ୍ତା ଦେଇ ସ୍କୁଲ, କଲେଜ ଯାଇଥାନ୍ତି। ଏଥିପାଇଁ ଗ୍ରାମବାସୀ ପକ୍ଷରୁ ବହୁଥର ଅଭିଯୋଗ କଲେ ମଧ ପ୍ରତିକାର ଶୂନ। ଲୋକଙ୍କ ମୁଣ୍ଡ ଉପରେ ବିପଦ ଝୁଲୁଥିବା ବେଳେ ଗୋଡ ଉପରେ ଗୋଡ ଥୋଇ ବସିଛନ୍ତି ସାଉଥକୋ କର୍ତ୍ତୃପକ୍ଷ । ଗଞ୍ଜାମ ଜିଲାରେ ଘଟିଥିବା ବିଦ୍ୟୁତ୍ ଜନିତ ଘଟଣାରୁ ପ୍ରଶାସନ କିଛି ମଧ ଶିକ୍ଷାଲାଭ କରି ନଥିବା ମନେହେଉଛି। ରାସ୍ତା ଉପରେ ଓହଳିଥିବା ସମସ୍ତ ବିଦ୍ୟୁତ୍ ତାର କଢାଯିବ ବୋଲି ଶକ୍ତି ମନ୍ତ୍ରୀ କହିଥିଲେ ମଧ ତାହା ଏଠାରେ କାର୍ଯ୍ୟକାରୀ ହେଉନାହିଁ । ୪୦ବର୍ଷ ତଳେ ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଓହଳି ପଡି ବିପଦସଙ୍କୁଳ ଅବସ୍ଥାରେ ଥିଲେ ମଧ ପ୍ରଶାସନ ଏହାକୁ କାଢ଼ିବାର ନାଁଗନ୍ଧ ଧରୁନାହିଁ । ଏହି ବିଦ୍ୟୁତ ତାର କାଢ଼ିବା ପାଇଁ ବେହେରାମୁଣ୍ଡା ପଞ୍ଚାୟତବାସୀ ବହୁବାର ଜଣାଇଥିଲେ ମଧ ଏହା କଢାଯାଉ ନଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ବିଦ୍ୟୁତ୍ ତାର ହଟାଇବା ପାଇଁ ଗୁମାଗାଁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।


ବ୍ଲକସ୍ତରୀୟ ସମ୍ପର୍କ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣରେ ଚନ୍ଦାହାଣ୍ଡି ପଛୁଆ

**ଚନ୍ଦାହାଣ୍ଡି, ୩।୩(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମଣ୍ଡେଇ ପଡିଆଠାରେ ବିଡିଓ ଧର୍ମରାଜ ମାଝିଙ୍କ ଆବାହକତ୍ୱରେ ମଙ୍ଗଳବାର ମୋ ସରକାର ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧକ୍ଷ ଟିକମ ସିଂ ନାୟକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମପି ଜିଲା ପ୍ରତିନିଧି ପ୍ରମୋଦ ପାଢୀ, ମୁଖ୍ୟବକ୍ତା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାସୁବାଷ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ପ୍ରକଳ୍ପ ଅଧିକାରୀ ରମାକାନ୍ତ ନାୟକ, ପ୍ରୋଗାମ ଅଧିକାରୀ ଓଟିଏଲପି ସୁରେନ୍ଦ୍ର ଧଳ, ଜିଲା ପରିଷଦ ସଭ୍ୟ ଶ୍ୟାମ ମାଝି, ସନିନ୍ଦ୍ର ସୋରୀ, ବିଇଓ ଭଜନଲାଲ ମାଝି, ତହସିଲଦାର ହୃଦାନନ୍ଦ ସିଂ ମାଝି, ଉପାଧକ୍ଷା ସୁଭଦ୍ରା ସିହ୍ନା ଯୋଗ ଦେଇଥିଲେ । ଦୂତିବାହନ ଖମାରି ଓ ପୁରୁଷୋତ୍ତମ ପାରୀ ମଞ୍ଚ ପରିଚାଳନା କରିଥିଲେ । ୫ଟି ମୋ ସରକାରଙ୍କ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକର ସମସ୍ତ ବିଭାଗ ସହିତ ଜନସମ୍ପର୍କ ନିବିଡ ରହିବ । ସମସ୍ତ ବିଭାଗୀୟ ଯୋଜନାଗୁଡିକ ଠିକ୍ ଭାବେ ସଫଳ ରୁପାୟନ ସମ୍ପର୍କରେ ସଚେତନ କରିଥିଲେ । ବ୍ଲକରେ ୬୩୪ ପ୍ରଧାନମନ୍ତ୍ରୀଆବାସ, ୬୨ବିଜୁ ପକ୍କାଘର, ୩୧ ନିର୍ମାଣ ଶ୍ରମିକ ପକ୍କାଘର କାର୍ଯ୍ୟ ଆରମ୍ଭ ହୋଇ ନଥିବା ଯୋଗୁ ଆମେ ଜିଲାରେ ପଛରେ ପଡିଛୁ । ତେଣୁ ଘର କାର୍ଯ୍ୟ ଶୀଘ୍ର ଆରମ୍ଭ କରି ଶେଷ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷ ଟିକମ ସିଂ ନାୟକ ସମସ୍ତ ଜିଲାରେ ଅନୁସୂଚିତ ଜାତିଏବଂ ଜନଜାତିବର୍ଗର ଲୋକଙ୍କୁ ଟ୍ରାକ୍ଟର ଏବଂ ଗୃହ ଋଣ ମିଳୁଥିବାବେଳେ କେବଳ ନବରଙ୍ଗପୁର ଜିଲାରେ ଏହି ବର୍ଗର ଲୋକଙ୍କୁ ବ୍ୟାଙ୍କଋଣ ଦେଉ ନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଫଟକି ସମିତିସଭ୍ୟ ମଧୁସୂଦନ ପୂଜାରୀ ଓବିସି ବର୍ଗର ମଧ ବିକାଶ କରାଯାଉ ଏବଂ ସେମାନଙ୍କୁ ମଧ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ ବୋଲି କହିଥିଲେ । ଆଦିବାସୀଙ୍କ ଜୀବନଜୀବିକାର ସୁଦୃଢ଼ ପାଇଁ ପଞ୍ଚାୟତର ବହୁ ଚାଷୀଙ୍କୁ ଲାଖ ଚାଷ ପାଇଁ ତାଲିମ ପ୍ରଦାନ କରି ବିହନ ଯୋଗାଇ ଦିଆଯାଇଥିଲା । କିନ୍ତୁ ଉତ୍ପାଦିତ ଲାଖକୁ ସରକାର କିଣୁ ନଥିବାରୁ ସେମାନେ କମ ଦରରେ ଛତିଶଗଡରେ ବିକ୍ରି କରି କ୍ଷତି ସହୁଥିବା ପାଟଖଲିଆ ସରପଞ୍ଚ ହରି ପୂଜାରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ବିଭାଗ, ବ୍ୟାଙ୍କ ଅଫ ବରୋଦା, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏମଏନଆରଇଜିଏ, ପ୍ରାଣୀଚିକିତ୍ସା ବିଭାଗ, ପ୍ରଧାନମନ୍ତ୍ରୀ (ଗ୍ରାମୀଣ) ଆବାସ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଲଗାଁ, ଜୁନାପାଣି ଏବଂ ମତିଗାଁ ଆଶ୍ରମବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୁଣି ରୋକାଗଲା ନାବାଳିକା ବିବାହ

## ସଚେତନତାର ଅଭାବ

**ନବରଙ୍ଗପୁର/କୋଡିଙ୍ଗା, ୩।୩ (ବି.ପ୍ର./ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପୁଣି ଏକ ନାବାଳିକା ବିବାହ ମଙ୍ଗଳବାର ରୋକାଯାଇଛି । ନବରଙ୍ଗପୁର ଜିଲା କୋଷାଗୁମୁଡାର ବ୍ଲକର ଜଣେ ନାବାଳିକା ସହ ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ଗାଁର ୧୯ ବର୍ଷର ଯୁବକଙ୍କ ସହ ବିବାହ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଥିଲା । ଝିଅକୁ ବର ଘରକୁ ଆଣି ବିବାହ କରାଯିବା ବ୍ୟବସ୍ଥା ହୋଇ ଥିଲା । କୌଣସି ସୂତ୍ରରୁ ପ୍ରଶାସନ ଏ ସମ୍ପର୍କରେ ଖବର ପାଇଥିଲା। ସିଡିପିଓ ସରୋଜୀନୀ ରଥ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ କୁନିମଣି ସ୍ୱାଇଁ, ଚାଇଲ୍ଡଲାଇନର ସ୍ୱେଚ୍ଛାସେବୀ ଗ୍ରେସୀ ଖୁରା, ଜିଲା ସମାଜ କଲ୍ୟାଣ ବିଭାଗର ଫକିର ମୋହନ ରାଉତ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, କୋଡିଙ୍ଗା ଥାନାର ଏଏସଆଇ ଆନନ୍ଦ ପ୍ରସାଦ ଭୋଇ ଗ୍ରାମରେ ପହଞ୍ଚି ଏହାକୁ ବନ୍ଦ କରିଥିଲେ। ବର ଓ କନ୍ୟା ଉଭୟ ପକ୍ଷକୁ ସଚେତନ କରାଯାଇଥିଲା। ଝିଅକୁ ୧୮ ବର୍ଷ ନହେବା ଯାଏ ବିବାହ କରାଯାଇ ପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହା ଦ୍ୱାରା କିଭଳି ସମସ୍ୟା ଉଭୟ ପରିବାରଙ୍କ ପ୍ରତି ରହିବ ସେ ନେଇ ବୁଝାଇ ଦିଆଯାଇଥିଲା । ଗ୍ରାମବାସୀଙ୍କ ଉପସ୍ଥିତିରେ ବର ଓ କନ୍ୟା ପକ୍ଷ ପ୍ରଶାସନର କଥାକୁ ମାନିବା ସହ ଝିଅକୁ ୧୮ ବର୍ଷ ନହେବା ପର୍ଯ୍ୟନ୍ତ ବିବାହ କରିବୁ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି ।

# ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର,୩।୩(ବି.ପ୍ର.)**

ଦୁଇଟି ଚୋରି ମାମଲାର ବିଚାର କରି ଏସଡିଜେଏମ ଅମିତ କୁମାର ବାରିକ ପରଜାଗୁଡା ଗାଁର ଅଭିଯୁକ୍ତ ଡମ୍ବରୁଧର ଓରଫ ଗୁଡ୍ଡୁ ଜାନୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରିଛନ୍ତି । ଜରିମନା ଅନାଦେୟ ଏକ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଧିନ ଆଦର୍ଶ ବିଦ୍ୟାଳୟରେ କମ୍ପ୍ୟୁଟର ଓ ଆନୁସାଙ୍ଗିକ ସାମଗ୍ରୀ ଚୋରି ହୋଇଥିବା ୨୦୧୮ ଜୁନ ୨୪ ତାରିଖରେ ଅଭିଯୋଗ ହୋଇଥିଲା । ଏନେଇ ୭୬/୧୮ ଏକ ମାମଲା ରୁଜୁ ହୋଇଥିଲା । ଏହାର ୨ ମାସ ପରେ ୨୦୧୮ ଅଗଷ୍ଟ ୮ ତାରିଖରେ ସୁମନ ଟେଲିଭିଜନ ସପରୁ ମୋବାଇଲ, ଏଲଇଡି ଟିଭି ଆଦି ରୋଗୀ ଘଟଣାରେ ଗୁଡ୍ଡୁ ସମ୍ପୃକ୍ତ ରହିଥିଲା । ଏନେଇ ଥାନାରେ ୮୮/୧୮ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ ହେବା ପରେ ଜିଆର ନମ୍ବର ୪୮୨ ଓ ୫୬୨/୧୮ ରୁଜୁ ହୋଇ ମାମଲା ବିଚରାଧିନ ରହିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏସଡିଜେଏମ ଉପରୋକ୍ତ ରାୟ ଶୁଣାଇଛନ୍ତି । ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅରୁଣ କୁମାର ମହାନନ୍ଦିଆ ମାମଲା ପରିଚାଳନା କରୁଥିଲେ ।

# ବ୍ଲକ ଓ ପୌରାଞ୍ଚଳସ୍ତରୀୟ ବିଜେଡି ସଭାପତି ନାମ ଘୋଷଣା

**ନବରଙ୍ଗପୁର,୩।୩(ବି.ପ୍ର.)**

ନବରଙ୍ଗପୁର ଜିଲାର ବିଜେଡି ସାଙ୍ଗଠାନୀକ ନିର୍ବାଚନ ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରରେ ଶେଷ ହୋଇଛି । ଏନେଇ ୧୦ଟି ବ୍ଲକରେ ୧୨ଟି ସଭାପତି ଓ ୨ଟି ପୌରାଞ୍ଚଳ ପାଇଁ ଦୁଇ ଜଣ ସଭାପତିଙ୍କ ନାମ ବିଜେଡି ଜିଲା ନିର୍ବାଚନ ଅଧିକାରୀ ସଚିନନ୍ଦନ ସ୍ୱାଇଁ ଘୋଷଣା କରିଛନ୍ତି। ନବରଙ୍ଗପୁର ବ୍ଲକ ହରିହର ସମରଥ, ପାପଡାହାଣ୍ଡି ବିଦ୍ୟାଧର ମଲ୍ଲିକ, କୋଷାଗୁମୁଡା ପଦମ ମାଳି, କୋଷାଗୁମୁଡା ବ୍ଲକ ଡାବୁଗାଁ ଜୋନ ପାଇଁ ଗୁପ୍ତ ପଟ୍ଟନାୟକ, ଡାବୁଗାଁ ବ୍ଲକ ପାଇଁ ସରେନ୍ଦ୍ର କୁମାର ମିଶ୍ର, ତେନ୍ତୁଳିଖୁଣ୍ଟି ପ୍ରଫୁଲ୍ଲ ନାଗ, ନନ୍ଦାହାଣ୍ଡି ସନ୍ତୋଷ କୁମାର ଷଡଙ୍ଗୀ, ଉମରକୋଟ ବ୍ଲକ ଅଜିତ ପ୍ରଧାନ, ଉମରକୋଟ ବ୍ଲକ ଜୋନ୨ ମନୋଜ କୁମାର ଧଳ , ଝରିଗାଁ ବ୍ଲକ ଉଦୟ ନାୟକ, ଚନ୍ଦାହାଣ୍ଡି ବ୍ଲକ ଗୌରହରି ନାୟକ, ରାଇଘର ବ୍ଲକ ରାଇସିଂ ଗଣ୍ଡ, ନବରଙ୍ଗପୁର ପୌରାଞ୍ଚଳ ପାଇଁ ପ୍ରମୋଦ କୁମାର ରଥ ଓ ଉମରକୋଟ ପୌରାଞ୍ଚଳ ପାଇଁ କୈଳାଶ ନାୟକଙ୍କ ନାମ ଘୋଷଣା କରାଯାଇଛି।

# ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ରହିବା ଆବଶ୍ୟକ

**ନବରଙ୍ଗପୁର,୩।୩(ବି.ପ୍ର.)**

- ବାଲ୍ୟ ବିବାହ ରୋକିବା ସମସ୍ତଙ୍କ କର୍ତ୍ତବ୍ୟ ନେଇ ଶପଥ ଗ୍ରହଣ
- ଉଲେଖନୀୟ କାର୍ଯ୍ୟ ପାଇଁ ରେଙ୍ଗାଗୁଡା ଆଶାକର୍ମୀଙ୍କୁ ପ୍ରଥମ ସ୍ଥାନ ପାଇ ସମ୍ମାନିତ


ଆଶା କର୍ମୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ମିଶନ ଓ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ନେଇ ଏକ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଜିଲାପରିଷଦ ଅଧକ୍ଷା ଭଗବତୀ ଭତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନେ ସଚେତନ ହୋଇ ରହିଲେ ସ୍ୱାସ୍ଥ୍ୟ, ପରିବେଶ ସୁସ୍ଥ ହୋଇ ରହିବ । ଏନେଇ ସମସ୍ତେ ସଙ୍କଳ୍ପବୋଧହେବା ଆବଶ୍ୟକ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଓ ଜିଲାପାଳ ଅଜିତ କୁମାର ମଶ୍ର ଯୋଗ ନେଇ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ସେବା ପ୍ରତି ଗୋଷ୍ଠୀ ସହଭାଗିତା ରହିଲେ ଆମେ କିଭଳି ସଚେତନ ହୋଇ ଆରୋଗ୍ୟ ହୋଇ ପାରିବା ସେ ନେଇ ଅତିଥି ମାନେ ମତ ପ୍ରକାଶ କରିଥିଲେ । ଜିଲା ସାମାଜ କଲ୍ୟାଣ ଅଧିକାରୀ ବାଲ୍ୟ ବିବାହ ରୋକିବା ଓ ସଚେତନ କରାଇବା ପାଇଁ ଶପଥ ଗ୍ରହଣ କରାଇଥିଲେ । ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ତମ ଆଶା କର୍ମୀ ଭାବେ କୋଷାଗୁମୁଡା ରେଙ୍ଗାଗୁଡା ଗାଁର ଅଞ୍ଜଳି ହରିଜନଙ୍କୁ ପ୍ରଥମ ସ୍ଥାନ ପାଇ ମାନ ପତ୍ର, ଟ୍ରଫି ସହ ୫ ହଜାରଟଙ୍କା, ଉମରକୋଟ ବ୍ଲକ ବାରିଗୁଡା ଗାଁର ସେବତି ଗଣ୍ଡ ଦ୍ୱିତୀୟ ସ୍ଥାନ ପାଇ ୩ ହଜାର ଟଙ୍କା ସହ ଟ୍ରଫି ଓ ମାନ ପତ୍ର ପାଇଥିଲେ । ସେହିଭଳି ଚନ୍ଦାହାଣ୍ଡି ବ୍ଲକର ଭେଣ୍ଡିଆ ଗାଁର ମିନତି ସାହୁ ତୃତୀୟ ସ୍ଥାନ ପାଇ ମାନପତ୍ର, ଟ୍ରପି ସହ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିଭଳି ୧୦ ଜଣ ଆଶା କର୍ମୀଙ୍କୁ ସାନ୍ତ୍ୱନା ମୂଳକ ଭାବେ ମାନପତ୍ର ଓ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ସେମାନେ ହେଲେ ଚମ୍ପା ହରିଜନ, ସୁଜାତା ଦାଶ, କୁନ୍ତଳା କୁମାରୀ, ସୁମତି ନାୟକ, ଆଶାବତୀ ଜାନୀ, ପ୍ରମିଳା ଲମତା, ସାବିତ୍ରୀ ମାଝୀ, ସୁବାସିନୀ ହରିଜନ ଓ ବିନୋଦିନୀ ଜାଲ । ସେହିଭଳି ଗାଁ କଲ୍ୟାଣ ସମିତିର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନବରଙ୍ଗପୁର ବଡମସିଗାଁ, ଝରିଗାଁ କୋଷାଗୁମୁଡା ବ୍ଲକର ପଇଦାପାଲି, ଡାବୁଗାଁ ବ୍ଲକର କୁରୁପା, ରାଇଘର ବ୍ଲକର ପଖନାପାରା, ତେନ୍ତୁଳିଖୁଣ୍ଟି ବ୍ଲକର ଟୋଭାପଦର, ଉମରକୋଟ ବ୍ଲକର ବୋକଦା, ଚନ୍ଦାହାଣ୍ଡି ବ୍ଲକର ତେଲିମାଲ, ପାପଡାହାଣ୍ଡି ବ୍ଲକର ଚରାମୂଳା ଓ ନନ୍ଦାହାଣ୍ଡି ବ୍ଲକର ନନ୍ଦାହାଣ୍ଡି ଗାଁ କଲ୍ୟାଣ ସମିତିକୁ ୧୦ ହଜାରଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ସ୍ୱଚ୍ଛ ଉତ୍ତମ ସ୍ୱାସ୍ଥ୍ୟ ପଞ୍ଚାୟତ ଭାବେ ତେନ୍ତୁଳିଖୁଣ୍ଟି ବ୍ଲକର ଲମତାଗୁଡା, କୋଷାଗୁମୁଡା ବ୍ଲକର ଚିର୍ମା ଓ ନବରଙ୍ଗପୁର ବ୍ଲକର ଅଗ୍ନିପୁରକୁ ୧୦ ହଜାରଟଙ୍କା ଲେଖାଏ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେମିତି ମହିଳା ଆରୋଗ୍ୟ ସମିତି ଭାବେ ମା'ମାଉଲି, ଲଳିତା ଦେବୀ, ଓମ ଶାନ୍ତି, ଆଣ୍ଡାଲୋମା, ଉଜ୍ଜ୍ୱଳ, ଶ୍ରଦ୍ଧା ଓ ସାଇବାବା ସମିତିଙ୍କୁ ୩ ହଜାରଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ଝରିଗାଁ ବ୍ଲକର ଧୋଡ୍ରା ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ସମ୍ମାନରେ ଟ୍ରଫି, ମାନପତ୍ର ଓ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ସେହିଭଳି ଉମରକୋଟର ଡୁମୁରିମୁଡା, ଇଛାପୁର, ଆସଙ୍ଗା, ବଡଆମ୍ବଡା ପ୍ରାଥମିକି ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ସମ୍ମାନ ୫୦ ହଜାରଟଙ୍କା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଧାମନାଗୁଡା ଓ ରାଜୋଡା ସବସେଣ୍ଟର କୁ ୨୫ ହଜାରଟଙ୍କା ଲେଖାଏ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଭିଭିଡି କନସାଲଣ୍ଟାଟ ଦିନେଶ ପ୍ରହରାଜ ଧନ୍ୟବାଦ ଦେଇଥିଲେ ।

# ୨ଟି କେନ୍ଦ୍ରରେ ୪୮ ପରୀକ୍ଷାର୍ଥୀ ଦେଲେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା

**ଡାବୁଗାଁ,୩।୩ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧିନ ୨ ଟି ପରୀକ୍ଷା କେନ୍ଦ୍ରରେ +୨ ବିଜ୍ଞାନ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଛି । ଡାବୁଗାଁ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ +୨ ପରୀକ୍ଷାର ପ୍ରଥମ ଦିନରେ ବିଜ୍ଞାନ ବିଭାଗରେ ମୋଟ ୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ବିଦ୍ୟାଳୟ ଅଧକ୍ଷ ଶଶାଙ୍କ ଶେଖର ତ୍ରିପାଠୀ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଧାପକ ରମେଶ ଚନ୍ଦ୍ର ନାହାକ ଓ ଜଣେ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ବୁଧବାର ବାଣିଜ୍ୟ ଓ କଳା ବିଭାଗରେ ପରୀକ୍ଷା ହେବ । ବାଣିଜ୍ୟ ବିଭାଗରେ ୬୭ ଜଣ ଓ କଳା ବିଭାଗରେ ୩୩୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଏଥିରେ ମୋଟ ୧୮ ଇନିଭିଜିଲେଟର ନିଯୁକ୍ତି କରାଯାଇଛି। ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟକୁ ହବ କେନ୍ଦ୍ର କରାଯାଇଛି । ଏଠାରୁ ଡାବୁଗାଁ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟ ସହ ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟ, ପାପଡାହାଣ୍ଡି ସରକାରୀ (ଏସଏସଡି) ଉଚ୍ଚ ମାଧମିକ ବିଦ୍ୟାଳୟ, କର୍ଚ୍ଚାମାଳ ସରକାରୀ (ଏସଏସଡି) ଉଚ୍ଚ ମାଧମିକ ବିଦ୍ୟାଳୟ, କୋଡିଗାଁ ରାଜା ଚାଉଁରିଆ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ମଇଦଲପୁର ଉଚ୍ଚ ମାଧମିକ ବିଦ୍ୟାଳୟ କୁ ପ୍ରଶ୍ନପତ୍ର ପଠାଯାଉଛି । ଏହି ହବ କେନ୍ଦ୍ର ସୁପରଭାଇଜର ଅଧକ୍ଷ ଶଶାଙ୍କ ଶେଖର ତ୍ରିପାଠୀ ଓ ଡେପୁଟି ସୁପରଭାଇଜର ଅଧାପକ ସନ୍ତୋଷ କୁମାର ପଟ୍ଟନାୟକ ଦାୟିତ୍ୱରେ ରହିଛନ୍ତି ।ଏଥିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ଡାବୁଗାଁ ଅଙ୍ଗନୱାଡି ସୁପରଭାଇଜର ମିନତୀ ଦାଶ ଦାୟିତ୍ୱରେ ରହିଛନ୍ତି। ସେହିପରି ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମୋଟ ୩୯ ଛାତ୍ରୀ ପରୀକ୍ଷା ଦେଇଛନ୍ତି । ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଧାପକ ଯୋଗେନ୍ଦ୍ର ରାଉତ ଓ ୩ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ । ଏଠାରେ ଜିଲାପାଳଙ୍କ ପ୍ରତିନିଧି ଭାବେ ଡାବୁଗାଁ ଅଙ୍ଗନୱାଡି ସୁପରଭାଇଜର ରୋଜାଲିନୀ ପ୍ରଧାନ ଦାୟିତ୍ୱରେ ରହିଛନ୍ତି ।


**OFFICE OF THE MUNICIPAL COUNCIL, MALKANGIRI**

Odisha, PIN - 764045, Ph.: 06861-230244, E-mail: eomalkangiri@gmail.com

Lt. No.: 497/Mpl./2020 Dated: 03.03.2020

**e-NOTICE**

**BID IDENTIFICATION No. EOMKG-05/2019-2020**

The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of "e" Procurement System in online mode for the work as per DTCN.

| | | |
|---|---|---|
| 1. | Name of the Work | : Civil Works |
| 2. | Number of Work | : 50 Nos. |
| 3. | Estimated Cost | : As per DTCN |
| 4. | Period of Completion | : As per DTCN |
| 5. | Date and Time of availability of Bid Document in the Portal | : From 10 A.M. of Dt.04.03.2020 to 5 P.M. of Dt.20.03.2020 |
| 6. | Last date and time for receipt of Bid in the Portal | : 5 P.M. of Dt.20.03.2020 |
| 7. | The Original Bid documents must be reached from 04.03.2020 to on or before 5 P.M. of Dtd.23.03.2020 by Regd. Post/Speed Post only. | |
| 8. | The bid received online shall be opened on 11 A.M. of Dtd.24.03.2020. | |
| 9. | Name and Address of the Officer Inviting Bid: Executive Officer, Malkangiri Municipality. | |

Further details can be seen from the Procurement Portal: www.tendersorissa.gov.in

Sd./- Executive Officer
Malkangiri Municipality



**PANCHAYAT SAMITI, MALKANGIRI**

**Advertisement No. 02/IX-6/2020-Dev.** **Dated the 3rd March 2020.**

Sealed Tenders are invited from the Intending Bidders to quote their rate for the following projects under Scheme: BKBK 2018-19 and 2019-20. The interested bidders may submit the tender documents complete in all respect along with Paper Cost (Non-Refundable) and other requisite documents on or before 17.03.2020 up to 5.30 P.M. addressing to the Block Development Officer, Malkangiri, Po/Dist: Malkangiri, Pin-764045 by Registered Post / Speed Post only.
The other details like Terms & Conditions, general instructions for the Bidders etc. are available in the District Website: www.malkangiri.nic.in.

| Sl. No. | Name of the work | Scheme | Estimated cost in Rs. (in Lakh) | Tender value put to tender in Rs. (in Lakh) | Class of Contractor | Cost of tender paper | EMD 1% (in Rs.) | Time of completion in calendar months |
|---|---|---|---|---|---|---|---|---|
| 1 | Improvement of road from Akur to Patitang via Madkaguda | BKBK 2019-20 | 32.00 | 31.65495 | 'B' & 'C' | 6,000/- | 32,000/- | 6 (Six ) Months |
| 2 | Construction of Minor Bridge 2 Nos. On Road from Koyagiri to Katamateru | BKBK 2018-19 | 25.00 | 24.10104 | 'B' & 'C' | 5,000/- | 24,000/- | 6 (Six ) Months |
| 3 | Construction of Minor Bridge from Damaguda to Titang | BKBK 2019-20 | 25.00 | 24.10165 | 'B' & 'C' | 5,000/- | 24,000/- | 6 (Six ) Months |

Sd./- Block Development Officer,
Malkangiri



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ। -ଗୁରୁ ନାନକ



# ଆଦାୟ ହେଲା ୧୭ କୋଟି, ଆହୁରି ୩୨୦ କୋଟି ବକେୟା

## ଜୟପୁର ସାଉଥ୍‌କୋ ସର୍କଲ

ଜୟପୁର,୩।୩(ଡି.ଏନ୍.ଏ.)

ଜୟପୁର ସାଉଥ୍‌କୋ ସର୍କଲ ଅଧୀନ ୪ଟି ଡିଭିଜନରେ ଗତ ଫେବୃୟାରୀ ମାସ ଶେଷ ସୁଦ୍ଧା ଦୀର୍ଘଦିନର ବକେୟା ଓ ବର୍ତ୍ତମାନର ବିଦ୍ୟୁତ ଦେୟ ଆଦାୟ କରିଛି ସ୍ୱତନ୍ତ୍ର ଟିମ୍। ୧୫ ଦିନ ଭିତରେ ସାଢ଼େ ୧୭ କୋଟି ଟଙ୍କା ଆଦାୟ ହୋଇଛି। ଏଥିରେ ୫ କୋଟି ୭୫ ଲକ୍ଷ ହେଉଛି ଦୀର୍ଘ ବର୍ଷ ଧରି ପଡ଼ିରହିଥିବା ବକେୟା ଟଙ୍କା। କିନ୍ତୁ ଜୟପୁର ସର୍କଲର ଜୟପୁର, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଭଳି ୪ଟି ଡିଭିଜନରେ ୩୨୦ କୋଟି ଟଙ୍କାର ବକେୟା ଏବେ ମଧ୍ୟ ରହିଥିବା ଜଣାପଡ଼ିଛି। ସେଥିପାଇଁ ମାର୍ଚ୍ଚ ମାସରେ ମଧ୍ୟ ସାଉଥ୍‌କୋ ଚଢ଼ାଉ ଜାରି ରଖିବା ସହ ଅଧିକରୁ ଅଧିକ ବକେୟା ଆଦାୟ କରିବାକୁ ଯୋଜନା କରିଥିବା ଅଧୀକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର କହିଛନ୍ତି।

ବିଦ୍ୟୁତ ଦେୟ ଆଦାୟ ପାଇଁ ସାଉଥ୍‌କୋ ପକ୍ଷରୁ ୧୫ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟରେ ଯେଉଁ ଉପଭୋକ୍ତା ବକେୟା ପଇଠ କରୁ ନ ଥିଲେ, ସେମାନଙ୍କ ବିଦ୍ୟୁତ ସଂଯୋଗ ଛିନ୍ନ କରିଥିଲା ସାଉଥ୍‌କୋ। ଏହି କ୍ରମରେ ୪ଟି ଡିଭିଜନରେ ୪୫୦୦ଟି ସଂଯୋଗ କଟାଯାଇଥିବା ଜଣାପଡ଼ିଛି। ପରେ ଅଧିକାଂଶ ବକେୟା ପଇଠ କରିବା ଫଳରେ ସେମାନଙ୍କୁ ପୁନର୍ବାର ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ଅନ୍ତିମ ଦିବସ ସୁଦ୍ଧା ୧୮୦୦ ଜଣଙ୍କ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷରେ ସର୍କଲର ୪ଟି ଡିଭିଜନ ମଧ୍ୟରୁ ଜୟପୁରରେ ୮୦କୋଟି, କୋରାପୁଟରେ ୬୦ କୋଟି, ମାଲକାନଗିରିରେ ୮୦ କୋଟି ଓ ନବରଙ୍ଗପୁରରେ ୧୦୦ କୋଟିକୁ ମିଶାଇ ପ୍ରାୟ ୩୨୦ କୋଟି ଟଙ୍କା ବକେୟା ପଡ଼ି ରହିଛି। କୋରାପୁଟ ଡିଭିଜନରୁ ୩ କୋଟି ଆଦାୟରୁ ୭୫ଲକ୍ଷ ପୁରୁଣା ବକେୟା, ମାଲକାନଗିରିରୁ ଆଦାୟ ସାଢ଼େ ୩ କୋଟିରୁ ୨ କୋଟି ବକେୟା ଓ ନବରଙ୍ଗପୁରରୁ ସାଢ଼େ ୪ କୋଟି ଆଦାୟ ରାଶିରୁ ଦେଢ଼କୋଟି ବକେୟା ଆଦାୟ କରାଯାଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଜଣେ ମୃତ, ଜଣେ ଗୁରୁତର



କୁନ୍ଦୁରା,୩।୩(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁସୀ ଗ୍ରାମପଞ୍ଚାୟତ ପ୍ରଧାନୀପୁଟ ନିକଟସ୍ଥ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା କାଜୁ ବଗିଚା ନିକଟରେ ଏକ ଲୁହାଛଡ଼ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ପୋଲିସ ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟା ସମୟରେ ଜୟପୁରଠାରୁ କୁନ୍ଦୁରା ବ୍ଲକ ପଖନାଗୁଡ଼ା ଗ୍ରାମପଞ୍ଚାୟତକୁ ଆସୁଥିବା ଟ୍ରାକ୍ଟର (ଓଡି୧୦ ଜେ ୩୫୨୭) ଏବଂ ଟ୍ରଲି (ଓଡି୧୦ଜି ୬୭୯୧) ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ପ୍ରଶାନ୍ତ କୁମାର ମଲ୍ଲିକ (୨୫) ଗୁରୁତର ଥିବାବେଳେ ଶ୍ରମିକ ଭାବେ ବସିଥିବା କାହ୍ନୁଚରଣ ଭୂୟାଁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ କାହ୍ନୁଚରଣ ଭୂୟାଁ ପଖନାଗୁଡ଼ା ଗ୍ରାମପଞ୍ଚାୟତର ସରାଳଗୁଡ଼ା ଗ୍ରାମର ବାସିନ୍ଦା। ସନ୍ଧ୍ୟା ସମୟରେ ଏହି ଘଟଣା ଘଟିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଯିବା ପାଇଁ ପଠାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ମନ୍ଦିର ତାଜା

ସଜନାଗଡ଼, ୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତର ମଲ୍ୟାଣୀ ଗ୍ରାମରେ ଗତ ସୋମବାର ରାତିରେ ଏକ ଟ୍ରକ ଧକ୍କାରେ ମହାଦେବ ମନ୍ଦିର ଆଗ ତାଜା ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏହି ଟ୍ରକରେ ମୋରମ ଚୋରା ଚାଲାଣ ହେଉଥିବା ଗ୍ରାମବାସୀ କହିଛନ୍ତି। ବାଘମରା ଅଞ୍ଚଳରେ ଚାଲୁଥିବା ଚୋରା ମୋରମ ଖାଦାନରୁ ରାତିରେ ଚୋରାରେ ଟ୍ରକ୍‌ଯୋଗେ ଚାଲାଣ ହେଉଥିବା ବେଳେ ଅସାବଧାନତାବଶତଃ ଡ୍ରାଇଭର ଜଣକ ମନ୍ଦିରକୁ ଧକ୍କା ଦେଇଥିଲେ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିପଦ ହୋଇ ଝୁଲିଛି ତାର

ଜୟପୁର,୩।୩(ନି.ପ୍ର.)

ମୁଣ୍ଡ ଉପରେ ବିପଦ ହୋଇ ଝୁଲି ରହିଛି ୧୧ କେଭି ତାର। ସହର ଗଳିରେ ମୃତ୍ୟୁ ଏଭଳି ଝୁଲିରହିଛି ; କିନ୍ତୁ ନିଶ୍ଚିନ୍ତରେ ବସି ରହିଛି ଜୟପୁର ସାଉଥ୍‌କୋ ୟୁଟିଲିଟି ଡିଭିଜନ। ଏହି ଡିଭିଜନ ଅଧୀନରେ ଜୟପୁର, ବୈପାରୀଗୁଡ଼ା, କୁନ୍ଦୁରା, ବୋରିଗୁମ୍ମା, କୋଟପାଡ଼, ଲମତାପୁଟ ବ୍ଲକ ରହିଛି। ବିଭାଗୀୟ ନିୟମ ଅନୁସାରେ ୧୧ କେଭି ତାର ଯାଇଥିବା ସ୍ଥାନରୁ ଅନ୍ୟୁନ ୧୨ ମିଟର (ସାଢ଼େ ୫ ଫୁଟ) ମଧ୍ୟରେ କୌଣସି ଘର କିମ୍ବା ଅନ୍ୟ ଭିତ୍ତିଭୂମି ନିର୍ମାଣ ହେବା କଥା ନୁହେଁ। କେହି ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। କିନ୍ତୁ ସହରର ଦ୍ୱିତୀୟ ଦୈନିକ ବଜାର ରାସ୍ତା, ବାଇପାସ ରୋଡ, ପାୱାର ହାଉସ ରୋଡ ଭଳି ଅନେକ ରାସ୍ତାରେ ଏଭଳି ବିପଦପୂର୍ଣ୍ଣ ଭାବେ ତାର ଝୁଲି ରହିଛି। ବର୍ତ୍ତମାନ ସାଉଥ୍‌କୋ ବକେୟା ଆଦାୟକୁ ଗୁରୁତ୍ୱ ଦେଉଛି ସତ ; କିନ୍ତୁ ଉପଭୋକ୍ତାଙ୍କ ଜୀବନ ପ୍ରତି ସର୍ବନିମ୍ନ ଦାୟିତ୍ୱ ଦେଖାଉ ନ ଥିବା ଅଭିଯୋଗ ହେଉଛି। ଡିଭିଜନ ଅଧୀନରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ ତାରକୁ ଲାଗି ଏକାଧିକ ଘର, ବ୍ୟବସାୟ ପ୍ରତିଷ୍ଠାନ,



ସାହି ରାସ୍ତାରେ ବିଦ୍ୟୁତ୍ ତାର ଝୁଲିରହିଛି।

### ସାଉଥ୍‌କୋ ନୀରବ

ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ରହିଛି। ବିପଦ ଟାଳିବା ପାଇଁ ବହୁ ଘର ମାଲିକ ବିଭାଗୀୟ କର୍ମଚାରୀଙ୍କୁ ଧରି ତାରକୁ ପିଭିସି ପ୍ଲାଷ୍ଟିକ ପାଇପରେ ଭର୍ତ୍ତି କରିଥିବା ଦେଖିବାକୁ ମିଳିଛି। ଗତ ମାସରେ ବ୍ରହ୍ମପୁରରେ ବିଦ୍ୟୁତ ତାର ଲାଗି ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏପରି ଘଟଣା ପରେ ବର୍ତ୍ତମାନ ସାଉଥ୍‌କୋ ଫିଲ୍ଡ କର୍ମଚାରୀଙ୍କୁ କେଉଁ ସ୍ଥାନରେ କ'ଣ ଅସୁବିଧା ହୋଇଛି, ରିପୋର୍ଟ ଦେବା ପାଇଁ କହିଛନ୍ତି ନିର୍ବାହୀ ଯନ୍ତ୍ରୀ। ଏହାସତ୍ତ୍ୱେ ଏଭଳି ବିପଦ ହୋଇ ଝୁଲୁଥିବା ତାର ସମ୍ପର୍କରେ ରିପୋର୍ଟ ଯାଉଛି କି ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ଗୌଡ଼ କହିଛନ୍ତି, ଯେଉଁ ସ୍ଥାନରେ ବିଦ୍ୟୁତ ତାର ବିପଦସଙ୍କୁଳ ଭାବେ ରହିଛି, ସେ ସବୁର ତଥ୍ୟ ହସ୍ତଗତ ହୋଇଛି। ତୁରନ୍ତ ସମସ୍ୟାର ସମାଧାନ କରାଯିବ।

# ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଆରମ୍ଭ

ଜୟପୁର,୩।୩(ଡି.ଏନ୍.ଏ.)

ରାଜ୍ୟରେ ମଙ୍ଗଳବାର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଛି। ଜୟପୁର ସହରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷାର ପ୍ରଥମ ଦିବସରେ ପ୍ରଥମ ଭାଷା ପରୀକ୍ଷା ଅନୁଷ୍ଠିତ ହୋଇଛି। ବିକ୍ରମଦେବ ମହାବିଦ୍ୟାଳୟ କେନ୍ଦ୍ରରେ ଜୟପୁର ସହରର ୫ଟି ଜୁନିୟର କଲେଜର ସମୁଦାୟ ୬୩୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୧୦ ଜଣ ପରୀକ୍ଷା ଦେଇଥିଲେ। ୨୪ଜଣ ଅନୁପସ୍ଥିତ ଥିଲେ। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟର ୧୨୨ ଜଣଙ୍କ ମଧ୍ୟରୁ ୧୨୦ ଜଣ ପରୀକ୍ଷା ଦେଇଥିବା ବେଳେ ୨ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାକେନ୍ଦ୍ର ସିସିଟିଭି କ୍ୟାମେରାର ସତର୍କ ଦୃଷ୍ଟି ଭିତରେ ରହିଥିବା ବେଳେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିକ୍ରମଦେବ ମହାବିଦ୍ୟାଳୟ ପ୍ରଶ୍ନ ଓ ଉତ୍ତର ଖାତା ରଖାଯିବାର ହବ୍ ହୋଇଥିବା ବେଳେ ଏଠାରୁ ପୂର୍ବାହ୍ନ ୭ଟାରେ ସରକାରୀ ମହିଳା ମହାବିଦ୍ୟାଳୟ, ବାମୁଣିପୁଟ ଏସ୍‌ଏସ୍‌ଡି ଜୁନିୟର କଲେଜ, କୁନ୍ଦୁରା, ବୈପାରୀଗୁଡ଼ା ଓ ଲମତାପୁଟକୁ ପ୍ରଶ୍ନ ଓ ଉତ୍ତର ଖାତା ନେଇ ଯାଇଥିଲେ ସ୍ୱତନ୍ତ୍ର ସୁରକ୍ଷା ଦଳ। ପରୀକ୍ଷା ସରିବା ପରେ ଉତ୍ତର ଖାତା ନେଇ ହବ୍‌ରେ ଜମା କରାଯାଇଥିବା ଦାୟିତ୍ୱରେ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗୋପାଳ ହାଲଦାର କହିଛନ୍ତି। ବିକ୍ରମଦେବ ମହାବିଦ୍ୟାଳୟର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଡ. ଲକ୍ଷ୍ମଣ ପାତ୍ର ପରୀକ୍ଷା ପରିଚାଳନା କରିଥିଲେ।



ପିଲାମାନେ ପରୀକ୍ଷା ଦେଉଛନ୍ତି।

# ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ଆରମ୍ଭ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ୨୦୨୦-୨୧ ଆରମ୍ଭ ହେବ। ସେହିଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ 'ପ୍ରବେଶ ଉତ୍ସବ' ପାଳନ କରାଯିବ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ସମସ୍ତ ଜିଲାପାଳ ତଥା ସମଗ୍ର ଶିକ୍ଷା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି।

ନୂତନ ଶିକ୍ଷାବର୍ଷ ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ଶୋଭାଯାତ୍ରା ହେବ। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ଷ୍ଟାଣ୍ଡିଂ କମିଟି ସଦସ୍ୟ, ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ରାଜ୍ୟ ସଭ୍ୟ, ମାତାପିତା ସଂଘ, ମାତୃମଞ୍ଚ, ସ୍ଥାନୀୟ ସାମାଜିକ ଅନୁଷ୍ଠାନ, ଅବସରପ୍ରାପ୍ତ ଶିକ୍ଷକ, ବେସରକାରୀ ଅନୁଷ୍ଠାନ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରତିନିଧି, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ସାମିଲ ହେବେ। ଏହାପରେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଏକ ସଭା ହେବ। ବିଦ୍ୟାଳୟର ଆଖପାଖ ଗ୍ରାମ ବା ପଡ଼ାରେ ଥିବା ୬ରୁ ୧୪ବର୍ଷ ବୟସର ପିଲାଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ନୂଆ ନାମ ଲେଖାଇବାକୁ ଥିବା, ଅଧାରୁ ପାଠପଢ଼ା ଛାଡ଼ିଥିବା, ଆଦୌ ନାମ ଲେଖି ନ ଥିବା ପିଲାଙ୍କ ନାମ ତାଲିକାରେ ଉଲ୍ଲେଖ ରହିବ। ଯେଉଁମାନେ ପିଲାଙ୍କ ତାଲିକା ପ୍ରସ୍ତୁତ କରିବେ ସେମାନେ ପିଲାଙ୍କ ଅଭିଭାବକଙ୍କୁ ନିକଟ ବିଦ୍ୟାଳୟରେ ନାମ ଲେଖାଇବାକୁ ବୁଝାଇବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରବେଶ ଉତ୍ସବ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ୯ରେ 'ପୂର୍ଣ୍ଣଉପସ୍ଥାନଦିବସ' ଭାବେ ପାଳନ କରାଯିବ। ସେଦିନ ପିଲାଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ପାଠ୍ୟପୁସ୍ତକ ବଣ୍ଟନ କରାଯିବ। ଏ ସମ୍ବନ୍ଧୀୟ ଖର୍ଚ୍ଚ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ ଥିବା ଉପଲବ୍ଧ ଅର୍ଥରାଶିରୁ ବ୍ୟୟ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ପୃଥକ୍ ଡକାୟତି: ୨ କୋର୍ଟ ଚାଲାଣ

ବୈପାରୀଗୁଡ଼ା,୩।୩(ଡି.ଏନ୍.ଏ.)

ଦୁଇଟି ପୃଥକ୍ ଡକାୟତି ମାମଲାର ତଦନ୍ତ କରି ମଙ୍ଗଳବାର ବୈପାରୀଗୁଡ଼ା ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ କଦମଗୁଡ଼ା ଗ୍ରାମର ଭୀମ ପାଙ୍ଗି ଓ ବନବାସୀ ଖିଲ। ସେମାନଙ୍କଠାରୁ ଗୋଟିଏ ଲାପଟପ, ୨ଟି ମୋବାଇଲ, ଗୋଟିଏ ଖେଳଣା ପିସ୍ତଲ ଓ ଗୋଟିଏ ମୋଟର ସାଇକେଲ ସହ ନଗଦ ୨୧ ହଜାର ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି। ସେମାନେ ଗତ ମାସ ୬ ତାରିଖ ଓ ୧୩ ତାରିଖ ରାତିରେ ଜୟପୁର-ମାଲକାନଗିରି ରାସ୍ତାର ସୀମାନ୍ତବର୍ତ୍ତୀ ମନ୍ତ୍ରୀଆମ୍ବ ଘାଟିରେ ବାଇକ୍ ଆରୋହୀଙ୍କୁ ଖେଳଣା ବନ୍ଧୁକ ଦେଖାଇ ଲୁଟୁଥିଲେ। ଏନେଇ ଥାନାରେ କେଶ ନଂ ୧୮ ଓ ୨୨ରେ ମାମଲା ରହିଥିଲା।



ଜବତ ହୋଇଥିବା ଲାପ୍‌ଟପ୍, ମୋବାଇଲ ଓ ଟଙ୍କା।

# ନେହେରୁନଗରରୁ ଚୋରି

ସେମିଳିଗୁଡ଼ା(ସ୍ୱ.ପ୍ର.)/ସୁନାବେଡ଼ା,୩।୩

ସୁନାବେଡ଼ା ପୌରପରିଷଦ ଅଧୀନ ସେମିଳିଗୁଡ଼ା ନେହେରୁ ନଗର ୨୪ ନମ୍ବର ୱାର୍ଡ ବାସିନ୍ଦା ଆର୍. ରବି କୁମାରଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରର ସମସ୍ତେ ଆନ୍ଧ୍ର ବୁଲିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ଗୁପ୍ତ ଲକରରୁ ୧୦ ତୋଳା ସୁନା ଗହଣା ସହ ୭ ହଜାର ଟଙ୍କା ଚୋରି କରିନେଇଥିବା ଘର ମାଲିକଙ୍କ ସ୍ତ୍ରୀ ଉଷାରାଣୀ ପଟ୍ଟନାୟକ କହିଛନ୍ତି। ତେବେ ଏହି ଅଞ୍ଚଳ ସେମିଳିଗୁଡ଼ା ଓ ସୁନାବେଡ଼ା ଥାନା ମଧ୍ୟରୁ କାହା ଅଧୀନରେ ଯାଉଛି, ତାହାକୁ ନେଇ ଟଣାଓଟରା ଲାଗିବା ଯୋଗୁ ଘଟଣାକୁ ୩ ଦିନ ବିତିବା ସତ୍ତ୍ୱେ ତଦନ୍ତ ଆଗେଇ ପାରୁ ନ ଥିଲା। ଶେଷରେ ମଙ୍ଗଳବାର ସୁନାବେଡ଼ା ପୋଲିସ ଟିମ୍ ସହ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା, ସାଇଣ୍ଟିଫିକ ଟିମ୍ ମୁଖ୍ୟ ନୀଳକଣ୍ଠ ବେହେରା, ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଘରୁ ଚୋରି ହୋଇଥିବା କିଛି ରୁପା ଅଳଙ୍କାର, ମନପର୍ସ ନିକଟସ୍ଥ ପଡ଼ିଆରେ ପଡ଼ିଥିବା ଦେଖିବାକୁ ମିଳିଛି। ଏ ନେଇ ସୁନାବେଡ଼ା ଥାନାରେ କେସ୍ ନମ୍ବର ୩୩/୨୦ରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

# ଧୂଳିର କଷ୍ଟ ଭୋଗୁଛନ୍ତି ଛାତ୍ରୀଛାତ୍ର

ଜୟପୁର,୩।୩(ନି.ପ୍ର.)

ଜାତୀୟ ରାଜପଥ ହେଉ କିମ୍ବା ଗ୍ରାମାଞ୍ଚଳ ରାସ୍ତାଘାଟ ନିର୍ମାଣ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି, ତାକୁ ସାଧାରଣ ଲୋକେ ସ୍ୱାଗତ କରୁଛନ୍ତି। କିନ୍ତୁ ଜାତୀୟ ରାଜପଥ କାର୍ଯ୍ୟ ସମୟରେ ଯେଉଁ ନିୟମ ରହିଛି, ତାକୁ ଠିକ ଭାବେ ପାଳନ କରାଯାଉ ନାହିଁ। ନିର୍ମାଣ କାମ ବେଳେ ଭୀଷଣ ଧୂଳି ଯୋଗୁ ବାୟୁ ପ୍ରଦୂଷଣ ହେବାକୁ ସହ ଲୋକଙ୍କ ସମସ୍ୟା ବଢୁଛି। ଏଥିରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ବେଶୀ ପ୍ରଭାବିତ ହେଉଛନ୍ତି।

କୋରାପୁଟ ଜିଲା ଜୟପୁରରୁ ବୋରିଗୁମ୍ମା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଠିକାସଂସ୍ଥାକୁ ସମ୍ପାଦନ ପାଇଁ ଦିଆଯାଇଛି। କିନ୍ତୁ ରାଜରାସ୍ତା କାର୍ଯ୍ୟ ପାଇଁ ଯେଉଁ ନିୟମ ରହିଛି, ତାହା ଏଠାରେ କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ନିର୍ମାଣ କାର୍ଯ୍ୟ ସମୟରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ରାସ୍ତା ଉପରେ ପାଣି ଢଳାଯିବା କଥା। କିନ୍ତୁ ଏହି କାର୍ଯ୍ୟରେ ପାଣି ନ ଢାଳିବା ଯୋଗୁ ଚାରିଆଡ଼େ ଧୂଳିର ଆସ୍ତରଣ ବସିଯାଉଛି। ଫଳରେ ଯାତାୟତରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୁଣି ସେହି ରାସ୍ତାକଡ଼ରେ ଡିଗ୍ରୀ କଲେଜ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ସ୍କୁଲ, କଲେଜ ଛୁଟି ପରେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ସେହି ରାସ୍ତାକଡ଼ରେ ବସ୍‌କୁ ଅପେକ୍ଷା କରନ୍ତି। କିନ୍ତୁ ଧୂଳି ଉଡ଼ିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଅପେକ୍ଷା କରୁଛନ୍ତି ପିଲା। ଏତେ ପରିମାଣରେ ଧୂଳି ଉଡୁଛି ଯେ ତାହା ବିଦ୍ୟାଳୟ ଭିତରେ ପଶିବା ଦ୍ୱାରା ପାଠପଢ଼ାରେ ମଧ୍ୟ ସମସ୍ୟା ହେଉଛି। ବାଇକ ଆରୋହୀଙ୍କ ପାଇଁ ଏହି ରାସ୍ତା କାଳ ସାଜିଛି। ନିର୍ମାଣ କାର୍ଯ୍ୟ ବେଳେ ଧୂଳି ଉଡ଼ି ଦିନ ସମୟରେ କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ନିର୍ମାଣ ଚାଲିଥିବା ରାସ୍ତାରେ ଧୂଳି ଉଡୁଛି।

# ଆବାସ ଘରେ ବନ୍ଧା ହେଉଛନ୍ତି ଗୋରୁ, ଛେଳି

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ୟତିକ୍ରମ ଚିତ୍ର

ଦଶମନ୍ତପୁର,୩।୩(ଡି.ଏନ୍.ଏ.)

ଗୃହପାଳିତ ପଶୁଙ୍କ ଗୁହାଳ ପାଲଟିଛି ପ୍ରଧାନମନ୍ତ୍ରୀ ଆବାସ। ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ଆବାସ ନିର୍ମାଣ ଶେଷ ନ ହେବାରୁ ବାଧହୋଇ ହିତାଧିକାରୀ ଗୋରୁ, ଛେଳିଙ୍କୁ ସେଠାରେ ବାନ୍ଧୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏ ହେଉଛି ନିଛକ ଚିତ୍ର।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନରେ ରହିଛି ଟି.ବାରିଗୁଡ଼ା ଗ୍ରାମ। ଏଠାରେ ୪୦ଟି ପରିବାର ରହୁଛନ୍ତି। ପ୍ରାୟ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି। ହିତାଧିକାରୀ ବିଳମ୍ବ କରିବା ଆଶଙ୍କାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଆଲୋଚନା କରି ଜଣେ ଠିକାଦାରଙ୍କୁ ଆବାସ ନିର୍ମାଣ କାମ ଦେଇଛନ୍ତି। କିନ୍ତୁ କେତେକ ହିତାଧିକାରୀଙ୍କ ଗୃହ ଦୀର୍ଘ ୩ରୁ ୪ ବର୍ଷ ହେଲାଣି ଶେଷ ହୋଇପାରୁ ନାହିଁ। କାହା ଘର ବାହାରେ ଚୂନ ମାରି ଶେଷ ବିଲ ଉଠାଯାଇଥିବା ବେଳେ ଆଉ କାହାର ଗୃହ ଭିତରେ ପ୍ଲାଷ୍ଟର, କବାଟ, ଝରକା ଲଗା ନ ଯାଇ ଅଧାରେ ପକାଯାଇଛି। କିଛି ଦିନରେ ଆବାସ କାମ ଶେଷ କରିଦେବି ବୋଲି ଠିକାଦାର ଜଣକ ହିତାଧିକାରୀଙ୍କୁ ଭୂଆଁ ବୁଲାଉଛନ୍ତି। ତେଣୁ ବାଧହୋଇ ହିତାଧିକାରୀ ନିଜ ଅର୍ଦ୍ଧନିର୍ମିତ ଆବାସ ଘରେ ଜାଳେଣୀ କାଠ, ଗୃହପାଳିତ ପଶୁଙ୍କୁ ରଖିବାକୁ ବାଧ ହେଉଥିବା ହିତାଧିକାରୀ ଲୁବ୍ରୁ ଜାନୀ, ସ୍ତ୍ରୀ ଅଇଁଲା ଜାନୀ, ବାନାଇ ଜାନୀ, ଅଇଁଲା ସାଉନ୍ତା ଅଭିଯୋଗ ଜଣାଇଛନ୍ତି। ଏଭଳି ଅର୍ଦ୍ଧନିର୍ମିତ ଗୃହଗୁଡ଼ିକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ କିପରି ଠିକାଦାରଙ୍କୁ ବିଲ ପୈଠ କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ସେମାନେ ଜିଲାପାଳ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଦଶମନ୍ତପୁର ବିଡିଓ ଡମ୍ବରୁଧର ମଲ୍ଲିକ କହିଛନ୍ତି, ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଆବାସ ଘରେ ଜାଳେଣି ରଖିଛନ୍ତି ଜଣେ ମହିଳା ହିତାଧିକାରୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ମାର୍ଚ୍ଚ ୪/୨୦୨୦ Rayagada, Wednesday, March. 4 / 2020

# ୯୨ କେଜି ଗଞ୍ଜେଇ ଜବତ ,୩ ଗିରଫ

କାଲିମେଲା,୩।୩(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅଧିକାରୀ ସରୋଜ କୁମାର ଝାଙ୍କାରଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇ ୯୨ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ମାଲକାନଗିରି ଡିଏନକେ ଅଞ୍ଚଳର ଶଙ୍କର ମଣ୍ଡଳ ଓ ଏମଭି–୪ ଗ୍ରାମର ନିଖିଲ ମଣ୍ଡଳ ଏବଂ ଗୌତମ ମହାନ୍ତ ବୋଲି ଜଣାପଡିଛି। ଏଏସଆଇ ପଞ୍ଚାନନ ବେହେରାଙ୍କ ସହ ପୋଲିସ ଟିମ କାଲିମେଲା ଅଞ୍ଚଳରେ ପାଟ୍ରୋଲିଂ କରଥିବା ବେଳେ ଏକ ବାଇକରେ



ଗଞ୍ଜେଇ ଧରି ବେଜାଙ୍ଗିବାଡାରୁ ପୁଲିମେଟଲା ଅଭିମୁଖେ ଏହି ୩ ଅଭିଯୁକ୍ତ ଆସୁଥିଲେ। ପୋଲିସ ସେମାନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ବ୍ୟବହୃତ ୩ଟି ବାଇକ୍ ମଧ୍ୟ ଜବତ ହୋଇଛି । ୩୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବଜ୍ରପାତରେ ୬ ବଖରା ପୋଡିଗଲା

ଭୋଗରାଇ,୩।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହରିଦାସପୁରଁରେ ମଙ୍ଗଳବାର ବଜ୍ରପାତ ହୋଇ ପଶୁପତି ମହାନ୍ତି, ସୁରପତି ମହାନ୍ତି, ଗଣପତି ମହାନ୍ତି ଓ ଶ୍ରୀପତି ମହାନ୍ତିଙ୍କ ୬ ବଖରା ନଡ଼ାଛପର ଘର ୧୦ମିନିଟ୍ ମଧ୍ୟରେ ପୋଡ଼ି ଭସ୍ମ ହୋଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳକୁ ଛୁଟି ଯାଇଥିବାବେଳେ ନିଆଁକୁ ଆୟତ୍ତ କରିପାରି ନ ଥିଲେ।

## କଳାହାଣ୍ଡି କ୍ରିକେଟ୍ କପ୍ ପାଇଁ ଖେଳାଳି ଚୟନ

ମାଲକାନଗିରି, ୩।୩ (ଡି.ଏନ୍.ଏ.)

ଓଡିଶା କ୍ରିକେଟ ସଂଘର ନିର୍ଦ୍ଦେଶରେ ମାଲକାନଗିରି ଜିଲା କ୍ରିକେଟ ସଂଘ ପକ୍ଷରୁ ଆଗାମୀ କଳାହାଣ୍ଡି କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ପାଇଁ ଖେଳାଳି ଚୟନ୍ ଆରମ୍ଭ ହୋଇଛି। ସ୍ଥାନୀୟ ଦଣ୍ଡକାରଣ୍ୟ ଖେଳ ପଡିଆଠାରେ ଆୟୋଜିତ ଏହି ଚୟନ କାର୍ଯ୍ୟକ୍ରମରେ ୭ଟି କ୍ଲବର ଖେଳାଳି ସାମିଲ ହୋଇଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚରେ ଏମ୍‌ସିଏ ଓ ବାଲିମେଳା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ବାଲିମେଳା ବିଜୟୀ ହୋଇଥିଲା। ଏମସିଏର ଶଙ୍କର ମହାନ୍ତି ସର୍ବାଧିକ ୨୯ ରନ୍ ସଂଗ୍ରହ କରି ୨୪ ରନ୍ ଦେଇ ୩ଟି ଉଇକେଟ୍ ନେଇଥିଲେ। ସେହିପରି ବାଲିମେଳାର ଟିଙ୍କି ୩୦ ରନ୍ ଦେଇ ୩ଟି ଉଇକେଟ୍ ନେଇଥିଲେ। ଆଗାମୀ ୪ ଦିନଧରି ଏହି ଟୁର୍ନାମେଣ୍ଟ ହେବ । ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ କଳାହାଣ୍ଡି କପ୍ ପାଇଁ ଚୟନ କରା ଯିବ । ଚୟନକର୍ତ୍ତାଙ୍କ ମଧ୍ୟରେ ଏସ୍. ପ୍ରସାଦ ରାଓ, ଶତବୀର ସିଂ, ହୃଦାନନ୍ଦ ସାହୁ, ରଞ୍ଜନ କୁମାର ମହାନ୍ତି, ଆଲୋକ ମହାପାତ୍ର, ସୂର୍ଯ୍ୟ ନାରାୟଣ ନାୟକ ଅଛନ୍ତି। ଶଙ୍କର ଖୁଁଟି ମ୍ୟାଚ ପରିଚାଳନା କରଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ଗାଡ଼ି ଧକ୍କାରେ ହରିଣ ମୃତ

**କୋଦଳା,୩।୩(ଡି.ଏନ.ଏ.):** କୋଦଳା ନିକଟରେ ସୋମବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଏକ ମାଈ ହରିଣର ମୃତ୍ୟୁ ଘଟିଛି। କୋଦଳା ପୋଲିସ ରାଇଟର କେ.ପି ରେଡ୍ଡୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ସୂଚନା ପ୍ରକାରେ, କୋଦଳାଠାରୁ ଖରଖାରୀ ବ୍ରିଜ ମଧରେ କୃଷ୍ଣସାର ମୃଗଙ୍କ ଯାତାୟାତ ସ୍ଥଳୀ । ପ୍ରତି ମାସରେ ଏକରୁ ଉର୍ଦ୍ଧ୍ୱ ହରିଣର ଦୁର୍ଘଟଣାରେ ମୃତ୍ୟୁ ଘଟିବା ସହ ବହୁ ଚାଳକ ମଧ ଗୁରୁତର ହେଉଛନ୍ତି। ଏ ନେଇ କିଛି ଦିନ ହେବ ବନ ବିଭାଗ ସେହି ସ୍ଥାନରେ ସତର୍କ ସୂଚନାଫଳକ ଲଗାଇଲେ ସୁଦ୍ଧା ଦୁର୍ଘଟଣାରେ ହରିଣଙ୍କ ମୃତ୍ୟୁ ସଂଖ୍ୟା କମୁନି। ବନବିଭାଗ ଏଥିପ୍ରତି ଗୁରୁତ୍ୱର ଭାବେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ମୃଗ ସଂଖ୍ୟା ଲୋପ ପାଇଯିବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲର ବାର୍ଷିକ ଉତ୍ସବ

**ଗୁଣପୁର,୩।୩(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ନ୍ୟୁ ଡ୍ରିମ ଇଣ୍ଡିଆ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି, ଗୁଣପୁର କଲେଜ ଇତିହାସ ବିଭାଗର ମୁଖ୍ୟ ଡ.ଜବାହର ଚୌଧୁରୀ ମୁଖ୍ୟବକ୍ତା, ଡ.ଚନ୍ଦନ ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜ ଅଧ୍ୟକ୍ଷ ଭାଗୀରଥି ବିଶୋୟୀ, ଅନୁଷ୍ଠାନ ସମ୍ପାଦକ ଅଶୋକ କର ପ୍ରମୁଖ ମଞ୍ଚାସୀନ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିନ୍ମୟୀ, ଲିଖିତା ପାତ୍ର, ସାନଭି ମିଶ୍ର ଏବଂ ଶୁଚିଶ୍ରୀୟା ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

### ଶୌଣ୍ଡିକ ସମାଜର ନୂତନ କର୍ମକର୍ତ୍ତା

**ବିଷମକଟକ,୩।୩(ଡ଼ି.ଏନ.ଏ):** ସ୍ଥାନୀୟ ମା' ମାର୍କମା ମନ୍ଦିର ପ୍ରାଙ୍ଗଣରେ ବିଷମକଟକ ଶୌଣ୍ଡିକ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିନୋଦ ବିହାରୀ ସାହୁ ସଭାପତି, କରୁଣାକର ସେନାପତି ସମ୍ପାଦକ , କୃଷ୍ଣଚନ୍ଦ୍ର ସାହୁ, କୈଳାସଚନ୍ଦ୍ର ବିଶୋୟୀ, ଶ୍ରୀନିବାସ ନାଲା ଏବଂ ପ୍ରଦ୍ୟୁମ୍ନ ଚୌଧୁରୀ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁନିଗୁଡା ଶୌଣ୍ଡିକ ସମାଜର ବ୍ଲକ ସଭାପତି ରାମଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

### ଜରିମାନା ଆଦାୟ ନେଇ ପ୍ରଶାସନ-ବଣିକ ସଂଘ ମୁହାଁମୁହିଁ

**ଗଞ୍ଜାମ,୩।୩(ଡି.ଏନ.ଏ.):** ଗଞ୍ଜାମ ସହରରେ ଥିବା ବଡ ବଜାର ଓ ସାନ ବଜାରଠାରେ ଉଠା ଦୋକାନୀମାନେ ଦୀର୍ଘ ବର୍ଷ ହେବ ନିଜର ବ୍ୟବସାୟ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଅନେକ କାରଣ ନେଇ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଛି। ଏଥିପାଇଁ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ବଣିକ ସଂଘ ପକ୍ଷରୁ ମଙ୍ଗଳବାର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଆମେ ଆଉ ଦୋକାନ ଖୋଲିବୁନି କି ବୋଲି ପ୍ରଶ୍ନ କରିଛନ୍ତି। ଏଥିରେ ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସମ୍ପାଦକ କାହ୍ନୁ ଚରଣ ପଣ୍ଡା, ବିଶୁ ମହାକୁଡ, ଲୋକନାଥ ପଣ୍ଡା, ସୁବାସ ଗୁପ୍ତା, ସୁନା ପଟ୍ଟନାୟକ, ଜି.ରାମ ଦାସ ରେଡ୍ଡୀ, ଶଙ୍କର ସାହୁ, କାଳୁ ବାରିକଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।ପ୍ରକାଶ ଯେ, ଏନ୍ଏସି ଇଓ ଏବଂ ତହସିଲଦାର ସକାଳ ଭ୍ରମଣ ସମୟରେ ବଡ଼ବଜାର ସ୍ଥିତ ଏକ ଜଳଖିଆ ଦୋକାନ ସମ୍ମୁଖରେ ଗାଡ଼ି ପାର୍କିଂ ନେଇ ଜୋରିମାନା କରିଥିଲେ।

# ନିରାଶ୍ରୟ ହୋଇ ଘୂରି ବୁଲୁଛନ୍ତି ମାନସିକ ରୋଗୀ

**ରାୟଗଡ଼ା ଅଫିସ୍,୩।୩**

- ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଛନ୍ତି ୧୯୩୧ ମାନସିକ ଅସୁସ୍ଥ
- ୮୧୯ ଜଣଙ୍କ ମାନସିକ ସ୍ଥିତି ଉଦ୍‌ବେଗଜନକ
- ଜିଲାରେ ମାନସିକ ଅସୁସ୍ଥଙ୍କ ଆଶ୍ରୟ ବ୍ୟବସ୍ଥା ନାହିଁ



ଜଣେ ମାନସିକ ରୋଗୀଙ୍କୁ ଉଦ୍ଧାର କରାଯାଉଛି।

ବୟସ ପ୍ରାୟ ୨୨ ବର୍ଷ। ବୟସର ତାରୁଣ୍ୟରେ ଜଣେ ପାଲଟି ଯାଇଛନ୍ତି ମାନସିକ ଅସୁସ୍ଥ। ଦୟନୀୟ ଭାବେ ଘୂରି ବୁଲୁଛନ୍ତି ରାୟଗଡ଼ା ସହରର ଏ ଗଳିରୁ ସେ ଗଳି। ମଙ୍ଗଳବାର ସେହି ତରୁଣ ଜଣକ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଲୋକେ ତାଙ୍କୁ ଦେଖି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିବା ପରେ ଜଣାପଡ଼ିଥିଲା ଯେ ସେ ମାନସିକ ଭାବେ ଅସୁସ୍ଥ। ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ମଧ ସେଠାରେ ମାନସିକ ରୋଗ ବିଭାଗ ନ ଥିବା ଯୋଗୁ ଠିକ୍ ଚିକିତ୍ସା ହୋଇପାରି ନ ଥିଲା। ପୋଲିସ ଖବର ପାଇ ପହଞ୍ଚିବା ପରେ ଉକ୍ତ ଯୁବକଙ୍କୁ ଥାନାକୁ ନେଇଥିଲା। କିନ୍ତୁ ଯୁବକ ଜଣକ ନିଜ ପରିଚୟ ଦେବାକୁ ଅକ୍ଷମ ଥିଲେ। ଏପଟେ ପରିଚୟ ନାହିଁ, ସେପଟେ ରାୟଗଡ଼ା ଜିଲାରେ ମାନସିକ ଅସୁସ୍ଥଙ୍କ ରହିବା ପାଇଁ ସେଭଳି କିଛି ବ୍ୟବସ୍ଥା ମଧ ନାହିଁ। ଏହି ଦୃଷ୍ଟିରୁ ଦ୍ୱନ୍ଦ୍ୱରେ ପଡ଼ିଥିଲା ପୋଲିସ। ସୌଭାଗ୍ୟ, ପରିବାର ଲୋକେ ଖୋଜାଖୋଜି କରି ଠିକ୍ ସମୟରେ ଥାନାରେ ପହଞ୍ଚି ଯୁବକ ଜଣଙ୍କୁ ଘରକୁ ଫେରାଇ ନେଇଥିଲେ।

ରାୟଗଡ଼ା ପାଇଁ ଏଭଳି ଦୃଷ୍ଟାନ୍ତ ନୂଆ ନୁହେଁ। ରାୟଗଡ଼ା ସହରରେ ଅତି କମ୍‌ରେ ୧୫ରୁ ଅଧିକ ମାନସିକ ଅସୁସ୍ଥ ଖରା, ବର୍ଷା ଓ ଶୀତରେ ନିରାଶୟ ହୋଇ ଘୁରି ବୁଲୁଛନ୍ତି। ସେମାନଙ୍କ ପାଇଁ ନା ଅଛି ବାସ ନା ବସ୍ତ୍ର। ନା ଖାଦ୍ୟ ଅଛି ନା ଔଷଧ। ଜିଲାରେ ପ୍ରଶାସନ ଅଛି ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମଧ ରହିଛି। କିନ୍ତୁ ଏଭଳି ଅସହାୟଙ୍କ ପାଇଁ କାହାର ବି ଆନ୍ତରିକତା ନାହିଁ। ସ୍ଥାନୀୟ ପ୍ରଶାସନକୁ ଏନେଇ ପଚାରିବାରୁ ଗୋଟିଏ ବିଭାଗ ଅନ୍ୟ ବିଭାଗ ଉପରେ ଦାୟିତ୍ୱ ଥିବା କହି ଖସିଯିବାକୁ ବସିଛନ୍ତି। ମାନସିକ ଅସୁସ୍ଥଙ୍କ ଚିକିତ୍ସା ନିହାତି ଜରୁରୀ। କିନ୍ତୁ ଏଥିପାଇଁ ସେମାନଙ୍କ ସହ ତାଙ୍କ ପରିଜନଙ୍କ ପଞ୍ଜିକରଣ ହେଲା ପରେ ହିଁ ଚିକିତ୍ସା ସୁବିଧା କରାଯାଇପାରିବ। କିନ୍ତୁ ଦୁଃଖର କଥା, ଏହିଭଳି ରୋଗୀ ନିରାଶ୍ରୟ ଓ ଦୟନୀୟ ଭାବେ ଘୁରି ବୁଲୁଛନ୍ତି। ଜିଲାରେ ଗତ ୫ ବର୍ଷରେ ଏଭଳି ୧୯୩୧ ଜଣ ମାନସିକ ଅସୁସ୍ଥ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପଞ୍ଜିକୃତ ହୋଇଛନ୍ତି। ଏଥିରୁ ୮୧୯ ଜଣଙ୍କର ମାନସିକ ସ୍ଥିତି ଅଧିକ ଉଦ୍‌ବେଗଜନକ ରହିଛି। ବାସ୍ତବରେ ମାନସିକ ଅସୁସ୍ଥଙ୍କ ସଂଖ୍ୟା ଏହାଠାରୁ ଆହୁରି ଅଧିକ ରହିଛି; କିନ୍ତୁ ସାମ୍ନାକୁ ଆସିପାରି ନାହିଁ। ସାମାଜିକ ଲଜ୍ଜା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ପରିବାର ଲୋକେ ସେମାନଙ୍କୁ ଉଚିତ୍ ଚିକିତ୍ସା ଦେଇପାରୁ ନାହାନ୍ତି। ସେମାନଙ୍କ ଚିହ୍ନଟ କର ପ୍ରଶାସନ ଥଇଥାନ କରିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଦାବି ହୋଇଛି। ଏନେଇ ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର କହିଛନ୍ତି, ସାମାଜିକ କର୍ମୀ କିମ୍ବା କେହି ସହୃଦୟ ବ୍ୟକ୍ତି, ଅନୁଷ୍ଠାନ ଏମାନଙ୍କୁ ଖୋଜି ଥଇଥାନ କରିବାକୁ ଇଚ୍ଛାକଲେ ଓଡ଼ିଶାରେ ଥିବା ୪ଟି ସ୍ଥାନକୁ ନେଇପାରିବେ। ପ୍ରଶାସନ ଏହାର ଗସ୍ତଖର୍ଚ୍ଚ ବହନ କରିବ। ମାନସିକ ଅସୁସ୍ଥଙ୍କୁ ଜଟଣୀସ୍ଥିତ ମିଶନ ଆଶ୍ରା କିମ୍ବା ଅନ୍ୟ ସ୍ଥାନକୁ ପଠାଯାଉଛି।





ଜଣେ ଆଶାକର୍ମୀଙ୍କୁ ସମ୍ମାନିତ କରାଯାଉଛି ।

## ସ୍ୱାସ୍ଥ୍ୟସେବାର ଉନ୍ନତୀକରଣ ନେଇ ଗୁରୁତ୍ୱାରୋପ

**ରାୟଗଡ଼ା ଅଫିସ,୩।୩**

ଜିଲାସ୍ତରୀୟ ଆଶା ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ ନେଇ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଞ୍ଚଳରେ ମହିଳାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସଚେତନ ଏବଂ ସହରାଞ୍ଚଳରେ ଥିବା ବସ୍ତିବାସିନ୍ଦାମାନଙ୍କୁ ସଚେତନ କରାଇବାରେ ଆଶା କର୍ମୀମାନଙ୍କର ଅନେକ ଭୂମିକା ରହିଛି ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ୧୨ ଆଶା କର୍ମୀ ,୧୧ ସୁସ୍ଥ ଗ୍ରାମ, ୨ ସୁସ୍ଥ ପଞ୍ଚାୟତ ଓ ୧୧ ସୁସ୍ଥ ମହିଳା ଆରୋଗ୍ୟ ସମିତିକୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଡ଼ି ଅମ୍ରିତ ରତୁରାଜ, ସିଡ଼ିଏମଓ ଆର୍ତ୍ତବନ୍ଧୁ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଫେଇ କର୍ମଚାରୀଙ୍କ ବଡ଼ଖାନା କାର୍ଯ୍ୟକ୍ରମ





କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ରାୟଗଡ଼ା ଅଫିସ ,୩।୩**

ରାୟଗଡ଼ା ପୌର ପରିଷଦ ପରିସରରେ ବଡ଼ ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କୁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା, ପିଡ଼ି ଅମ୍ରିତ ରତୁରାଜ , ଆରକ୍ଷୀ ଅଧୀକ୍ଷକ ଡ଼. ଶ୍ରବଣ ବିବେକ ଏମ, ରାୟଗଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ଯୋଗ ଦେଇଥିଲେ । ସ୍ୱଚ୍ଛ ସାଥୀ, ସୁପର ଭାଇଜର ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ୪୭୭ ଜଣ ଦେଲେ ଯୁକ୍ତ ୨ ପରୀକ୍ଷା



ପରୀକ୍ଷା ପୂର୍ବରୁ ଛାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି।

**ରାୟଗଡ଼ା ଅଫିସ,୩।୩**

ରାୟଗଡ଼ାରେ ମାଧ୍ୟମିକ ପରିଷଦର ଯୁକ୍ତ ୨ ବିଜ୍ଞାନ ବିଭାଗର ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନ ଓଡ଼ିଆ ପରୀକ୍ଷା ଥିଲା । ରାୟଗଡ଼ା ସହରରେ ୨ଟି କଲେଜରେ ପିଲାମାନେ ପରୀକ୍ଷା ଦେଇଥିଲେ । ରାୟଗଡ଼ା ସ୍ୱୟଂଶାଶିତ ମହାବିଦ୍ୟାଳୟରେ ୩୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ୧୭ ଜଣ ଅନୁପସ୍ଥିତ ଥିଲେ। ସେହିପରି ମହିଳା ମହାବିଦ୍ୟାଳୟରେ ୧୧୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪ ଅନୁପସ୍ଥିତ ଥିଲେ । ପରୀକ୍ଷା କେନ୍ଦ୍ର ବାହାରେ ପିଲାଙ୍କୁ ଯାଞ୍ଚ କରାଯାଇ ପ୍ରବେଶ କରାଯାଇଥିଲା।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର,୩।୩(ବି.ପ୍ର.)**

ଦୁଇଟି ଚୋରି ମାମଲାର ବିଚାର କରି ଏସଡିଜେଏମ ଅମିତ କୁମାର ବାରିକ ପରଜାଗୁଡା ଗାଁର ଅଭିଯୁକ୍ତ ଡମ୍ବରୁଧର ଓରଫ ଗୁଡୁ ଜାନୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରିଛନ୍ତି । ଜରିମନା ଅନାଦେୟ ଏକ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଧିନ ଆଦର୍ଶ ବିଦ୍ୟାଳୟରେ କମ୍ପ୍ୟୁଟର ଓ ଆନୁସାଙ୍ଗିକ ସାମଗ୍ରୀ ଚୋରି ହୋଇଥିବା ୨୦୧୮ ଜୁନ ୨୪ ତାରିଖରେ ଅଭିଯୋଗ ହୋଇଥିଲା । ଏନେଇ ୭୬/୧୮ ଏକ ମାମଲା ରୁଜୁ ହୋଇଥିଲା । ଏହାର ୨ ମାସ ପରେ ୨୦୧୮ ଅଗଷ୍ଟ ୮ ତାରିଖରେ ସୁମନ ଟେଲିଭିଜନ ସପରୁ ମୋବାଇଲ, ଏଲଇଡି ଟିଭି ଆଦି ରୋଗୀ ଘଟଣାରେ ଗୁଡୁ ସମ୍ପୃକ୍ତ ରହିଥିଲା । ଏନେଇ ଥାନାରେ ୮୮/୧୮ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ ହେବା ପରେ ଜିଆର ନମ୍ବର ୪୮୨ ଓ ୫୬୨/୧୮ ରୁଜୁ ହୋଇ ମାମଲା ବିଚାରାଧିନ ରହିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏସଡିଜେଏମ ଉପରୋକ୍ତ ରାୟ ଶୁଣାଇଛନ୍ତି । ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅରୁଣ କୁମାର ମହାନନ୍ଦିଆ ମାମଲା ପରିଚାଳନା କରୁଥିଲେ।

## ପୁରସ୍କାର ବିତରଣ ଉତ୍ସବ

**ଗୁଣପୁର,୩।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି, ଭାମିନୀ ଆଇଆର ବିଏନର କମାଣ୍ଡାଣ୍ଟ ଡି.କେ.ମହାପାତ୍ର ଏବଂ ଡେପୁଟି କମାଣ୍ଡାଣ୍ଟ ପ୍ରସନ୍ନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରିଡା ତଥା ସହପାଠ୍ୟ ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସ୍କାଉଟ ଏବଂ ବୁଲବୁଲ ଗ୍ରୁପ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷକ ଜୟଦେବ ମହାନ୍ତି, ବିଘ୍ନରାଜ ପାଣିଗ୍ରାହୀ, କୁଳଦୀପ, ଆନନ୍ଦ ଶର୍ମା, ଦୀପକ ମୁଣ୍ଡା ପରିଚାଳନାରେ ସହଯୋଗ କରିଥିଲେ । ଗୌରବ ବଚ୍ଛ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡାଇମଣ୍ଡ ସେଠ ଧନ୍ୟବାଦ ଦେଇଥିଲେ ।





ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ୬ ମହିଳା ଶ୍ରମିକ ତାମିଲନାଡୁରୁ ଉଦ୍ଧାର

**ବିଷମକଟକ,୩।୩(ଡ଼ି.ଏନ.ଏ)**

ବିଷମକଟକ ପୋଲିସ ୬ ମହିଳା ଶ୍ରମିକଙ୍କୁ ତାମିଲନାଡୁରୁ ଉଦ୍ଧାର କରିଛି । ୫ମାସ ତଳେ ବିଷମକଟକ ଅଞ୍ଚଳର କିଛି ଶ୍ରମିକ ତାମିଲନାଡୁର ଏକ କୁକୁଡା ଫାର୍ମରେ କାମ କରିବାକୁ ଯାଇଥିଲେ । ସେଠାରେ ଶ୍ରମିକମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା । କେତେକ ଶ୍ରମିକ କୌଶଳକ୍ରମେ ସେଠାରୁ ଖସି ବିଷମକଟକ ଚାଲି ଆସିଥିଲେ । ପରେ ସେମାନେ ବିଷମକଟକ ଥାନାରେ ଅଭିଯୋଗ କରିଥିଲେ । ଆହୁରି ମହିଳା ଶ୍ରମିକମାନେ ସେଠାରେ ଫସି ରହିଥିବା ନେଇ ଥାନାରେ ଜଣାଇଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବିଷମ କଟକ ପୋଲିସର ଏକ ଟିମ୍ ତାମିଲନାଡୁ ଯାଇ ଉକ୍ତ ଫାର୍ମରୁ ୬ ମହିଳା ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ସମସ୍ତ ଶ୍ରମିକ ବିଷମକଟକ ଥାନା ଅଞ୍ଚଳର ବୋଲି ଜଣାଯାଇଛି ।



ଅର୍ଜୁନ ଶବରଙ୍କ ଘରେ ଲାଗିଥିବା ନିଆଁ ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ଗୁଣପୁର,୩।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଲିମାମେଡା ନିକଟ ଲୁଙ୍ଗୁରତଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି । ଖବରପାଇ ଗୁଣପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ଇଣ୍ଡିଆ ଶବର ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଅର୍ଜୁନ ଶବରଙ୍କ ଝିଅ ରୋଷେଇ କରୁଥିବାବେଳେ ନିଆଁ ଉଡି ଚାଳରେ ଲାଗିଯାଇଥିଲା । ଫଳରେ ଘରେ ଥିବା ଦଶ ବସ୍ତା ଧାନ ସହ ଚାଉଳ, କାନ୍ଦୁଲ, ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ପଚାଶ ହଜାର ଟଙ୍କା, ପାସବୁକ, ଆଧାରକାର୍ଡ , ଲେବରକାର୍ଡ ସମେତ ବହୁ ସାମଗ୍ରୀ ମଧ୍ୟ ପୋଡି ଯାଇଛି । ସେହିପରି ଗଣେଶ ଶବର ନାମକ ଜଣେ ଯୁକ୍ତ ତିନି ଛାତ୍ରଙ୍କ ବହିପତ୍ର ପୋଡି ଯାଇଛି ।

**OFFICE OF THE MUNICIPAL COUNCIL, MALKANGIRI**
Odisha, PIN - 764045, Ph.: 06861-230244, E-mail: eomalkangiri@gmail.com
Lt. No.: 497/Mpl./2020 Dated: 03.03.2020

**e-NOTICE**
**BID IDENTIFICATION No. EOMKG-05/2019-2020**
The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of "e" Procurement System in online mode for the work as per DTCN.

| | | |
|---|---|---|
| 1. | Name of the Work | : Civil Works |
| 2. | Number of Work | : 50 Nos. |
| 3. | Estimated Cost | : As per DTCN |
| 4. | Period of Completion | : As per DTCN |
| 5. | Date and Time of availability of Bid Document in the Portal | : **From 10 A.M. of Dt.04.03.2020 to 5 P.M. of Dt.20.03.2020** |
| 6. | Last date and time for receipt of Bid in the Portal | : **5 P.M. of Dt.20.03.2020** |
| 7. | The Original Bid documents must be reached from **04.03.2020** to on or before **5 P.M. of Dtd.23.03.2020 by Regd. Post/Speed Post** only. | |
| 8. | The bid received online shall be opened on 11 A.M. of Dtd.24.03.2020. | |
| 9. | Name and Address of the Officer Inviting Bid: Executive Officer, Malkangiri Municipality. | |

Further details can be seen from the Procurement Portal: **www.tendersorissa.gov.in**
**Sd./- Executive Officer**
**Malkangiri Municipality**

# ମା' ଏଲମାଙ୍କ ଝାମିଯାତ୍ରା

**ଗୁଣପୁର,୩।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ମା' ଏଲମାଙ୍କ ଝାମିଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦିନକ ପାଇଁ ଅନୁଷ୍ଠିତ ହୋଇଥିବା ଏହି ଯାତ୍ରାରେ ଲୋକଙ୍କ ଭିଡ ଜମିଥିଲା । ଏହି ଯାତ୍ରା ରେ ବିଭିନ୍ନ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଛି। ଗୁଣପୁର ସହର ୱାର୍ଡ ନଂ–୪ ବଂଶଧାରା ନଦୀ ତୀରେ ଥିବା କାଞ୍ଜିପୁଟିସ୍ଥିତ ସନ୍ଧି ଦେବତା ପୀଠରେ ପୂଜା ପାଇଥିଲେ ମା' ଏଲମା। ଏକ ବୃକ୍ଷମୂଳେ ଅସ୍ଥାୟୀ ଭାବେ ମା'ଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ପୁନଶ୍ଚ ମା' ତାଙ୍କ ସ୍ଥାନକୁ ଫେରିଯାଆନ୍ତି । ରାଜରାଜୁଡା ଅମଳରୁ ଦେବୀ ଏଲମା ପୂଜା ପାଇ ଆସୁଥିବାବେଳେ ବର୍ତ୍ତମାନ ଲୋକମାନଙ୍କ ସହଭାଗିତାରେ ଏହିଯାତ୍ରା ପାଳିତ ହେଉଛି । ଏହି ପୂଜା ଦ୍ୱାରା ଚର୍ମ ରୋଗରୁ ମୁକ୍ତି ମିଳିଥାଏ ବୋଲି ଲୋକଙ୍କ ଅତୁଟ ବିଶ୍ୱାସ ରହିଛି । ସୋମବାର ରାତ୍ରରେ ଦେବୀଙ୍କୁ ଆସ୍ଥାନରୁ ତଳକୁ ଓହ୍ଲାଯାଇଥିଲା । ସେହିରାତ୍ରରେ ମା'ଙ୍କ ସମସ୍ତ ପୂଜାରୀତି ନୀତି ପୂଜକଙ୍କ ଘରେ ସମାପନ ହୋଇଥିଲା । ଏହାପରେ ମଙ୍ଗଳବାର ମା' ଏଲମାଙ୍କୁ କାଞ୍ଜିପୁଟି ଆସ୍ଥାନକୁ ଅଣାଯାଇଥିଲା । ସେଠାରେ ଦିନ ତମାମ ଯାତ୍ରା ଲାଗି ରହିଥିଲା । ରାତ୍ରରେ ଯାତ୍ରା ସରିବା ପରେ ମା'ଙ୍କୁ ପୁଣି ସ୍ୱସ୍ଥାନକୁ ଫେରାଇ ନିଆଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାର୍ତ୍ତା ଚିରିଞ୍ଜିବି ଏବଂ ଅନ୍ୟମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସଂପାଦନା କରିଥିଲେ ।



କାଞ୍ଜିପୁଟି ପୀଠରେ ପୂଜା ପାଉଥିବା ମା' ଏଲମା।

**PANCHAYAT SAMITI, MALKANGIRI**

**Advertisement No. 02/IX-6/2020-Dev.** **Dated the 3rd March 2020.**
Sealed Tenders are invited from the Intending Bidders to quote their rate for the following projects under Scheme: BKBK 2018-19 and 2019-20. The interested bidders may submit the tender documents complete in all respect along with Paper Cost (Non-Refundable) and other requisite documents on or before 17.03.2020 up to 5.30 P.M. addressing to the Block Development Officer, Malkangiri, Po/Dist: Malkangiri, Pin-764045 by Registered Post / Speed Post only.
The other details like Terms & Conditions, general instructions for the Bidders etc. are available in the District Website: **www.malkangiri.nic.in**.

| Sl. No. | Name of the work | Scheme | Estimated cost in Rs. (in Lakh) | Tender value put to tender in Rs. (in Lakh) | Class of Contractor | Cost of tender paper | EMD 1% (in Rs.) | Time of completion in calendar months |
|---|---|---|---|---|---|---|---|---|
| 1 | Improvement of road from Akur to Patitang via Madkaguda | BKBK 2019-20 | 32.00 | 31.65495 | 'B' & 'C' | 6,000/- | 32,000/- | 6 (Six ) Months |
| 2 | Construction of Minor Bridge 2 Nos. On Road from Koyagiri to Katamateru | BKBK 2018-19 | 25.00 | 24.10104 | 'B' & 'C' | 5,000/- | 24,000/- | 6 (Six ) Months |
| 3 | Construction of Minor Bridge from Damaguda to Titang | BKBK 2019-20 | 25.00 | 24.10165 | 'B' & 'C' | 5,000/- | 24,000/- | 6 (Six ) Months |

**Sd./- Block Development Officer, Malkangiri**

